# ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ

# ବନାମ

# ଡ. ଅଶୋକ କୁମାର ଗୁପ୍ତା ଏବଂ ଅନ୍ୟମାନେ

# ଜାନୁଆରୀ 11, 1996

# [କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଜାମ୍ମୁ ଏବଂ କାଶ୍ମୀର ମେଡିକାଲ ଶିକ୍ଷା (ରାଜପତ୍ରଭୁକ୍ତ) ସେବା ନିଯୁକ୍ତି ନିୟମାବଳୀ, 1979:*

*19.10.1987 ତାରିଖର ସରକାରୀ ଆଦେଶ ସଂଖ୍ୟା 517-ଏଚ୍.ଏମ୍.ଇ./1987 — ପଦୋନ୍ନତି ଯୋଜନା — ସହକାରୀ ପ୍ରଫେସର ଭାବେ ପଦୋନ୍ନତି — 31 ମାର୍ଚ୍ଚ, 1987 ସୁଦ୍ଧା 7 ବର୍ଷର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିବା ଅସ୍ଥାୟୀ ଭାବେ ନିଯୁକ୍ତ ଅଧ୍ୟାପକମାନେ ଏହି ଯୋଜନା ଅଧୀନରେ ଯୋଗ୍ୟ — ଉଚ୍ଚ ନ୍ୟାୟାଳୟଙ୍କ ଏକକ ନ୍ୟାୟମୂର୍ତ୍ତି 7 ବର୍ଷର ସେବା ସମ୍ପୂର୍ଣ୍ଣ କରିନଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରିଥିଲେ — ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ନିକଟରେ ଅପିଲ — ବିଳମ୍ବକୁ କ୍ଷମା କରାଯାଇ ନାହିଁ — ବିଳମ୍ବ ପାଇଁ ଦିଆଯାଇଥିବା ସ୍ପଷ୍ଟୀକରଣକୁ ବିଚାରକୁ ନେବା ଏବଂ କ୍ଷମା କରିବା ଆବଶ୍ୟକ — ମାମଲାଟିକୁ ନୂତନ ଭାବେ ଫଏସଲା କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପୁନଃ-ପ୍ରେରଣ କରାଗଲା ।*

*ନ୍ୟାୟିକ ଅନୁଧ୍ୟାନ:*

*ସରକାରୀ ବିଭାଗଗୁଡ଼ିକ ଦ୍ୱାରା ଅପିଲ ଦାୟର କରିବାରେ ବିଳମ୍ବ — ଏହାର ନ୍ୟାୟିକ ଅନୁଧ୍ୟାନ କରିବା — ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ: ବିଳମ୍ବକୁ କ୍ଷମା କରିବାକୁ ମନା କରିବା ସାଧାରଣ ଜନହିତ ପ୍ରତି ଅନ୍ୟାୟକୁ ବୃଦ୍ଧି କରିଥାଏ — ତେଣୁ ବିଳମ୍ବକୁ କ୍ଷମା କରିବାର ଆବଶ୍ୟକତା ରହିଛି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2067/1993 ।

ଏଲ୍.ପି.ଏ. (ଏସ୍.ଡବ୍ଲ୍ୟୁ.) ସଂଖ୍ୟା 91/1991 ରେ ଜାମ୍ମୁ ଓ କାଶ୍ମୀର ଉଚ୍ଚ ନ୍ୟାୟାଳୟଙ୍କ 25.3.92 ତାରିଖର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ଜି.ଏମ୍. କାଓ୍ୱୁସା ଏବଂ ଅଶୋକ ମାଥୁର୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଯଦିଓ ଉତ୍ତରଦାତାମାନଙ୍କୁ ସୂଚନା ପ୍ରଦାନ କରାଯାଇଛି, ତଥାପି କେହି ବ୍ୟକ୍ତିଗତ ଭାବେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ହାଜର ହେଉ ନାହାଁନ୍ତି ।

ମଞ୍ଜୁରୀ ପ୍ରଦାନ କରାଗଲା ।

ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଏହି ଆଧାରରେ ଆଜ୍ଞାଦେଶ ଆବେଦନଟିକୁ ମଞ୍ଜୁର କରିଥିଲେ ଯେ— ଅଧ୍ୟାପକମାନେ ନିୟମିତ ଭିତ୍ତିରେ ନିଯୁକ୍ତ ହୋଇଥିଲେ ଏବଂ ଜାମ୍ମୁ ଏବଂ କାଶ୍ମୀର ମେଡିକାଲ ଶିକ୍ଷା (ରାଜପତ୍ରଭୁକ୍ତ) ସେବା ନିଯୁକ୍ତି ନିୟମାବଳୀ, 1979 ଅନୁଯାୟୀ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରିଥିଲେ, ଏବଂ 19.10.1987 ତାରିଖର ସରକାରୀ ଆଦେଶ ସଂଖ୍ୟା 517-ଏଚ୍.ଏମ୍ .ଇ/1987 ଅନୁଯାୟୀ ସେମାନେ ସମୟାନୁବର୍ତ୍ତୀ ପଦୋନ୍ନତି ପାଇଁ ନିଯୁକ୍ତ ହୋଇଥିଲେ । ଉକ୍ତ ଆଦେଶ ସୂଚାଉଛି ଯେ, ଯଦି ସେମାନେ ନିଜର ଅସ୍ଥାୟୀ ନିଯୁକ୍ତି କାର୍ଯ୍ୟକାଳକୁ ବାଦ୍ ଦେଇ 31 ମାର୍ଚ୍ଚ, 1987 ସୁଦ୍ଧା 7 ବର୍ଷର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିବେ, ତେବେ ସେମାନଙ୍କୁ 01.4.1987 ରୁ 2350-4050 ଟଙ୍କା ବେତନ ହାରରେ ସହକାରୀ ପ୍ରଫେସର ଭାବେ ପଦୋନ୍ନତି ମିଳିବ । ଉତ୍ତରଦାତାମାନେ ସେହି ତାରିଖ ସୁଦ୍ଧା 7 ବର୍ଷର ନିୟମିତ ସେବା ସମ୍ପୂର୍ଣ୍ଣ କରିନଥିଲେ । ତଥାପି ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ସେମାନଙ୍କୁ ଉକ୍ତ ସରକାରୀ ଆଦେଶର ସୁବିଧା ପ୍ରଦାନ କରିଥିଲେ । ଖଣ୍ଡପୀଠଙ୍କ ନିକଟରେ ଅପିଲ ଦାୟର କରିବାରେ ପ୍ରାୟ 3 ମାସର ବିଳମ୍ବ ହୋଇଥିଲା । ଉପଯୁକ୍ତ ସ୍ପଷ୍ଟୀକରଣ ଦିଆଯାଇ ନଥିବା ଦର୍ଶାଇ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ଏହି ବିଳମ୍ବକୁ କ୍ଷମା କରିବାକୁ ଆଗ୍ରହ ପ୍ରକାଶ କରିନଥିଲେ । ଆମେ ବିଜ୍ଞ ନ୍ୟାୟମୂର୍ତ୍ତିମାନଙ୍କ ଯୁକ୍ତିକୁ ଅନୁଧ୍ୟାନ କରିଛୁ । ତଥ୍ୟ ଓ ପରିସ୍ଥିତିକୁ ଦେଖିଲେ, ଆମେ ମନେ କରୁଛୁ ଯେ ଅପିଲ ଦାଖଲରେ ହୋଇଥିବା ବିଳମ୍ବ ପାଇଁ ଦିଆଯାଇଥିବା ସ୍ପଷ୍ଟୀକରଣ ଯଥାର୍ଥ ଅଟେ । ଏହା ଅବ୍ୟବସ୍ଥତା ଏବଂ ନ୍ୟାୟାଳୟ ଏହାର ନ୍ୟାୟିକ ଅନୁଧ୍ୟାନ କରିବେ ଯେ, ବିଳମ୍ବ ପାଇଁ ସରକାରୀ ସ୍ତରରେ କେହି ଦାୟିତ୍ୱ ଗ୍ରହଣ କରନ୍ତି ନାହିଁ ଏବଂ ବିଭିନ୍ନ ବିଭାଗ ମଧ୍ୟରେ କିମ୍ବା ଗୋଟିଏ ବିଭାଗର ବିଭିନ୍ନ ସ୍ତରରେ ଧୀରେସୁସ୍ଥେ ଚାଲୁଥିବା ପରାମର୍ଶ ପ୍ରକ୍ରିୟା ମଧ୍ୟରେ ଅପିଲ ଦାୟର କରିବାର ସମୟସୀମା ଶେଷ ହୋଇଯାଏ । ବିଳମ୍ବକୁ କ୍ଷମା କରିବାକୁ ମନା କରିବା ସାଧାରଣ ଜନହିତ ପ୍ରତି ଅନ୍ୟାୟକୁ ବୃଦ୍ଧି କରିଥାଏ ଏବଂ ଏହା ଅଳସୁଆମୀ ତଥା ଅସାଧୁତାକୁ ପ୍ରୋତ୍ସାହିତ କରେ । ବାସ୍ତବବାଦୀ ଆଭିମୁଖ୍ୟ ପ୍ରୟୋଗ କରି, ବିଳମ୍ବ ପାଇଁ

ଦିଆଯାଇଥିବା ସ୍ପଷ୍ଟୀକରଣକୁ ବିଚାରକୁ ନେବା ଆବଶ୍ୟକ ଏବଂ ନ୍ୟାୟକୁ ପ୍ରାଧାନ୍ୟ ଦେଇ ବିଚାରକୁ ତ୍ୱରାନ୍ୱିତ କରିବା ଆବଶ୍ୟକ । ସେହି ଦୃଷ୍ଟିକୋଣରୁ ବିଚାର କରି ବିଳମ୍ବକୁ କ୍ଷମା କରାଗଲା । ମାମଲାଟିକୁ ଆଇନ ଅନୁଯାୟୀ ଗୁଣବତ୍ତା ଆଧାରରେ ନୂତନ ଭାବେ ଫଏସଲା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପୁନଃ-ପ୍ରେରଣ କରାଗଲା ।

ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉ ନାହିଁ ।

ଜି.ଏନ୍.

ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**